ଝେରାଇ ଝେରାଇ

ଶିକ୍ଷକ ସହାୟକ ପୁସ୍ତିକା

ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ
ଭୁବନେଶ୍ୱର

CamScanner

ଯେରାଇ-ଯେରାଇ

ଶିକ୍ଷକ ସହାୟକ ପୁସ୍ତିକା

DPEP

ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ

DISTRICT PRIMARY EDUCATION PROGRAMME

ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ

ଭୁବନେଶ୍ୱର

CamScanner

ଯେରାଇ-ଯେରାଇ
ଶିକ୍ଷକ ସହାୟକ ପୁସ୍ତିକା

ପ୍ରସ୍ତୁତି :

ଯେରାଇ-ଯେରାଇ ସଉରା ପ୍ରାଥମିକ ପୁସ୍ତକର ଲେଖକ ମଣ୍ଡଳୀ

– ସଂପାଦନା –

ଡଃ ମହେନ୍ଦ୍ର କୁମାର ମିଶ୍ର

ପ୍ରକାଶକ :

ଶ୍ରୀ ବିଜୟ ଆରୋରା

ନିର୍ଦ୍ଦେଶକ, ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ

ଭୁବନେଶ୍ୱର

ପ୍ରଥମ ପ୍ରକାଶ - ଅକ୍ଟୋବର ୨୦୦୦

ପ୍ରକାଶନ ସଂଖ୍ୟା - ୨୦୦୦

CS CamScanner

ଏହି ପୁସ୍ତକଗୁଡ଼ିକର ବ୍ୟବହାର ବ୍ଲକ୍ ସାଧନ କେନ୍ଦ୍ର ଓ କେନ୍ଦ୍ରୀୟ ସାଧନ କେନ୍ଦ୍ରରେ ଚର୍ଚ୍ଚା ହେବା ଦରକାର । ଶ୍ରେଣୀରେ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଉଭୟ ଆଦିବାସୀ-ଓଡ଼ିଆ ଭାଷାରେ ପଢ଼ାଇଲେ ଆଦିବାସୀ ପିଲା ନିଶ୍ଚୟ ଉପକୃତ ହେବେ । ଆମକୁ ମନେରଖିବାକୁ ହେବ ଯେ, ଗୋଟିଏ ଭାଷା କହୁଥିବା ଶ୍ରେଣୀଗୃହର ପିଲାଙ୍କ ପଢ଼ାଉଥିବା ଶିକ୍ଷକଙ୍କ ଅପେକ୍ଷା ଆଦିବାସୀ ଓଡ଼ିଆ ଭାଷା କହୁଥିବା ଦ୍ୱିଭାଷୀ ଶ୍ରେଣୀଗୃହର ପିଲାଙ୍କୁ ପଢ଼ାଇବା ଶିକ୍ଷକ ଆହୁରି ଦକ୍ଷ ହେବା ଦରକାର ।

ମୋର ଆଶା, ଆପଣମାନେ ସ୍ଥାନୀୟ ଆବଶ୍ୟକତାକୁ ଚାହିଁ ଶ୍ରେଣୀଗୃହ ପରିଚାଳନା କରିବେ । ଶ୍ରେଣୀରେ ଆଦିବାସୀ ପାଠ୍ୟ ପୁସ୍ତକ ପ୍ରୟୋଗ କରି ସେଇ ଅଭିଜ୍ଞତାକୁ କେନ୍ଦ୍ରୀୟ ସାଧନ କେନ୍ଦ୍ରରେ ଚର୍ଚ୍ଚା କରିବେ । ଆପଣଙ୍କ ଅନୁଭୂତିକୁ ନେଇ ଭବିଷ୍ୟତରେ ଆଦିବାସୀ ପିଲାଙ୍କ ପାଠଦାନ ପଦ୍ଧତି ନିରୂପଣ କରାଯାଇପାରିବ ତଥା ପିଲାଙ୍କ ଉନ୍ନତ ସାଧିତ ହେବ ।

॥ ଇତି ॥

ବିଜୟ ଆରୋରା

ନିର୍ଦ୍ଦେଶକ

CamScanner

ପ୍ରିୟ ଶିକ୍ଷକ ଓ ଶିକ୍ଷୟିତ୍ରୀଗଣ

ଆପଣମାନେ ଆଦିବାସୀ ଅଞ୍ଚଳରେ କାମ କରୁଛନ୍ତି । ଆଦିବାସୀ ଗାଁର ଶ୍ରେଣୀଗୃହରେ ଆପଣ ପଢ଼ାଉଁଲାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତା' ଭିତରୁ ଗୋଟିଏ ସମସ୍ୟା ଭାଷା । କାରଣ ଆଦିବାସୀ ପିଲାଙ୍କ ଭାଷା ଓ ସ୍କୁଲର ଭାଷା ଅଲଗା । ତାଛଡ଼ା ଆଦିବାସୀ ଭାଷା ଓ ସଂସ୍କୃତି ଉପରେ ଆମର ଏକ ଧାରଣା ରହିବା ଆବଶ୍ୟକ ।

ସେହି କାରଣରୁ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ତରଫରୁ ଆମେ ପିଲାଙ୍କ ପାଇଁ ପ୍ରାଥମିକ ପୁସ୍ତକ ଓ ଶବ୍ଦ-ଚିତ୍ରାବଳୀ ପ୍ରସ୍ତୁତ କରିଅଛୁ । ଆପଣମାନଙ୍କ ପାଇଁ ନିମ୍ନଲିଖିତ ପୁସ୍ତକ ତିଆରି ହୋଇଛି ।

୧ । ଶିକ୍ଷକ ସହାୟକ ପୁସ୍ତକ (ମୂଳ ପ୍ରାଇମର ଓଡ଼ିଆ ଅନୁବାଦ ଓ ପାଠଦାନ ପାଇଁ ସୂଚନା)

୨ । ଶିକ୍ଷକ ପ୍ରଶିକ୍ଷଣ ପେଟିକା : ପ୍ରାଇମରଟିକୁ କିପରି ବ୍ୟବହାର କରିବେ ତାହାପାଇଁ ପାଠ୍ୟଯୋଜନା ପ୍ରସ୍ତୁତ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ

୩ । ଭାଷା ପ୍ରଶିକ୍ଷଣ ପେଟିକା : (ଅଣ ଆଦିବାସୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଆଦିବାସୀ ଭାଷା ଶିକ୍ଷା ମଡ୍ୟୁଲ)

୪ । ଶିକ୍ଷକଙ୍କପାଇଁ ଆଦିବାସୀ ଭାଷା ସ୍ୱଶିକ୍ଷଣ ପୁସ୍ତିକା । ଏଥିରେ ୧୬ଟି କାହାଣୀ ସଉରା ଓ ଓଡ଼ିଆ ଭାଷାରେ ଲିଖିତ । ଏହି କାହାଣୀ ପଢ଼ି ନିଜେ ସଉରା ଶିଖିବାପାଇଁ ଯଥେଷ୍ଟ ଭାଷା କାର୍ଯ୍ୟ ଦିଆଯାଇଛି ।

୫ । ଆଦିବାସୀ ଭାଷାରେ ଚିତ୍ର-ଶବ୍ଦାବଳୀ (ଆଦିବାସୀ-ଓଡ଼ିଆ ଭାଷାରେ)

CamScanner

ଶିକ୍ଷକ – ସହାୟକ – ପୁସ୍ତକ

ଘେରାଇ ଘେରାଇ

ପାଠ – ୧

ଘେରାଇ ଘେରାଇ

ଆସ ଆସ

ଘେରାଇ ଘେରାଇ	ଓବାଂ	ଆନ୍‌ଡିଡ୍ ନାବା	
ଆସ ଆସ	ଭାଇ	ଖେଳ	ଖେଳିବା
ଘେରାଇ ଘେରାଇ	ଆଇଂ	ଆକିନ୍	କିନ୍‌ନାବା
ଆସ ଆସ	ଭଉଣୀ	ଗୀତ	ଗାଇବା
ଘେରାଇ ଘେରାଇ	ଗାଡ଼ିଂ	ଆତଂ ସେଂନାବା	
ଆସ ଆସ	ସାଙ୍ଗ	ନାଚ କରିବା	
ଘେରାଇ ଘେରାଇ	ଓବାଂ	ଆଗାତାସି ନାବା	
ଆସ ଆସ	ଭାଇ	ଖେଳ ଖଳିବା	

ସୂଚନା :
* ଆମେ ପିଲାମାନଙ୍କ ସହ ଗୀତଟିକୁ ବାରମ୍ବାର ଆବୃତ୍ତି କରିବା ।
* ପିଲାମାନେ ଖେଳୁଥିବା ବିଭିନ୍ନ ଖେଳ ବିଷୟରେ ଆଲୋଚନା କରିବା ।
* ଚିତ୍ରକୁ ଦେଖି ଅଙ୍କ ଓ ପରିବେଶ ଶିକ୍ଷା ସଂପର୍କରେ ଧାରଣା ଦେବା ।

CS CamScanner

ପାଠ – ୨

ଯେରାଇ ଯେରାଇ (ଆସ ପିଲା)

ଯେରାଇ	ଯେରାଇ	ପାସିଇ	ଆକିନ୍ କିନ୍ ନାବା
ଆସ	ଆସ	ପିଲା	ଗୀତ ଗାଇବା
ଯେରାଇ	ଯେରାଇ	ପାସିଇ	ଆତଂସେଂ ନାବା
ଆସ	ଆସ	ପିଲା	ନାଚ କରିବା

ବିଷୟ : ❋ (ଝିଆଟି ମନ ଦୁଃଖରେ ଠିଆହୋଇଛି । ହାତୀ ତାକୁ ପେଁକାଳୀ ବଜାଇ ଖେଳିବା ପାଇଁ ଡାକୁଛି)

ସୂଚନା : ❋ ଆମେ ପିଲାମାନଙ୍କ ସହ ଗୀତଟିକୁ ଗାଇବା, ନାଚିବା ଏବଂ ହାତୀ ପାଖକୁ ଯିବାପାଇଁ ବାଟ ଖୋଜିବା ।

❋ ଚଟାଣରେ କିମ୍ବା ପଡିଆରେ (ସମ୍ଭବ ହେଲେ) ଉପରେ ଦିଆଯାଇଥିବା ବାଟ ପରି ଅନ୍ୟ ପ୍ରକାର ବାଟ ତିଆରି କରି ପିଲାଙ୍କ ଠିକ୍ ରାସ୍ତାରେ ଯିବାପାଇଁ କହିବା ।

CamScanner

ପାଠ – ୩

ଆବେଂବା (ଉଡାଅ)

ଉନ୍‌ଜି ଗାଡିଂ ଡାକୁଲେଜି

ଚାରି ସାଙ୍ଗ ଥିଲେ

ଗୁଡି ଆବେଂ ଲେଜି,

ଗୁଡି ଉଡାଇଲେ,

ବୁଟିନ୍ ଆଗୁଡି ଡାଜିଂ ନଂବର,

କହିଲ ଦେଖି,

ଏନ୍‌ଲେନ୍ ଅବ୍‌ଲେଂ ଲେଜୀ ?

କେଉଁ ଗୁଡିଟି କାହାର ?

ସୂଚନା :

ଅଭ୍ୟାସ –୧ * କେଉଁ ଗୁଡ଼ିଟି କାହାର ଶିକ୍ଷକ ପିଲାଙ୍କ ଦ୍ୱାରା ଚିହ୍ନଟ କରାଇବେ । ଏବଂ କେଉଁ ସଂଖ୍ୟା କିଏ ଧରିଛି ତା' ନାମ ପଚାରିବେ ।

ଅଭ୍ୟାସ –୨ * ଓଡିଆରେ ନାମ ଜାଣିବେ ବିନ୍ଦୁ ଯୋଡି ଅକ୍ଷର ଅଭ୍ୟାସ କରାଇବେ ।

ଅଭ୍ୟାସ –୩ * ଚିତ୍ର ଦେଖି ଗଣନା ଓ ମିଶାଣ କରାଇବା ଏବଂ ଉଭୟ ଭାଷାରେ ସଂଖ୍ୟା ଉଚ୍ଚାରଣ କରାଇବେ । ନିଜ ପରିବେଶରୁ ସାମଗ୍ରୀ ସଂଗ୍ରହ କରି ୧ ରୁ ୫ ଯାଏ ଯୋଗ ଶିଖାଇବେ । ଶ୍ରେଣୀ ଭିତରୁ ଓ ବାହାରୁ ଉପକରଣ ସଂଗ୍ରହ କରି ଯୋଗ ଗତିବିଧି କରିବେ ।

CamScanner

ପାଠ – ୪

ସାଇଁତା (ହାଟ)

ମନ୍‌ଲଇ ଆଅଇମାନ୍‌ଜି ଡାକୁଲି । ବଡିନା ଆନିନ୍‌ଜି ରାମଗିରି ସାଇଁତାନ୍ ଇଲେଜି ।

ପାଞ୍ଚଟି କୁକୁଡାଛୁଆ ଥିଲେ । ସେମାନେ ରାମଗିରି ହାଟକୁ ଗଲେ

କିନ୍ ସଡାନ୍ ଜାନାଙ୍ଗ୍ ଆନିନ୍‌ଜି ଆମ୍ବାରା ଇୟେଲେ ।

କୁକୁରଟି ମଧ୍ୟ ସେମାନଙ୍କ ସହିତ ଗଲା ।

ଆଅନିମାନ୍‌ଜି କମଲାନ୍, କିନ୍‌ତେନ୍, ସପୁରିନ୍ ଘିଁଲେ ପାଙ୍ଗଲାଇଜି ।

କୁକୁଡ଼ାଛୁଆମାନେ କମଳା, କଦଳୀ, ସପୁରୀ, କିଣି ଆଣିଲେ ।

ଆନିନ୍‌ଜି ତୁଲାବାନ୍ ଆଡୁଲାଇଜି । ଆବୟବୋଡାନ୍ ତୁଲବାନ୍ ସାରିଂ ଡୁଙ୍ଗଲିନାଇ ।

ଫେରିବାବେଳେ ସେମାନେ ଜଙ୍ଗଲରେ ପହଞ୍ଚିଲେ । ଗୋଟିଏ ବିଲୁଆ ଜଙ୍ଗଲରୁ ବାହାରିଲା ।

ଆନିନ୍ ଆଅନିମାନ୍‌ଜି ଜୁମ୍‌ତାଇ ଗାମ୍‌ଲେ ଅଗନ୍‌ଡିଲେ ।

ସେ କୁକୁଡାଛୁଆଙ୍କୁ ଖାଇବି ବୋଲି ଭାବିଲା ।

ବିଣ୍ଡ କିନ୍‌ସଡାନ୍‌ବୋଡାନ୍ ଆଡଅଙ୍ଗ୍‌ଗଂଲେ । ବୋଡାନ୍ ତୁଲବାନ୍ ଗାନ୍‌ଲେ ଗାନ୍‌ଲେ ୟେରେତେଡ୍ ।

କିନ୍ତୁ କୁକୁର ବିଲୁଆକୁ ଗୋଡେଇଲା । ବିଲୁଆ ଜଙ୍ଗଲରେ ପଶି ଗଲା ।

ଆଅନିମାନ୍‌ଜି ଲୋ - ଓ ଲେଜି ।

କୁକୁଡାଛୁଆମାନେ ବଞ୍ଚିଗଲେ ।

ସୂଚନା : ❋ ଏହି କାହାଣୀଟିକୁ ନେଇ ପିଲାଙ୍କସହ ଆଲୋଚନା କରିବା । କୁକୁଡା ସଂଖ୍ୟା, ଗୋଡ, ସେମାନେ ନେଉଥିବା ଜିନିଷ ଓ କୁକୁର, ବିଲୁଆଙ୍କ ବିଷୟରେ ଆଲୋଚନା କରିବା ।

❋ ଅଭ୍ୟାସ – ୧ ରେ ଜିନିଷ ଗୁଡିକୁ ଉଭୟ ସଉରା ଓ ଓଡିଆ ଭାଷାରେ ଆଲୋଚନା କରିବା ।

❋ ଅଭ୍ୟାସ – ୩ ରେ କେତେକ ସଉରା ଶବ୍ଦକୁ ଓଡିଆ ଭାଷାରେ ଲେଖାଯାଇଛି । ଏହି ପରି ଆମେ ପିଲାଙ୍କୁ ଅଧିକା ଶବ୍ଦ ଶିଖାଇ ପାରିବା ।

CamScanner

ପାଠ – ୬

କାକାନ୍ ଡ କଡାନ୍ (କାଉ ଓ ବଗ)

କାକାନ୍ ଡ କଡାନ୍ ଡାକୁଲି । ଆନିନ୍‌ଜି ବଡିନା ବୁଡିଲିନ୍‌ଜି ।

କାଉ ଏବଂ ବଗ ଥିଲେ । ସୋମାନେ ଦିନେ କଳିକଲେ ।

ଆରାନିବ୍ ବାନ୍ ଡୁକ୍‌ରି ବଜାନ୍ ଆସି-ଇଂ ଡାକୁଲି ।

ଗଛ ତଳେ ବୁଢୀଟିର ଘର ଥିଲା ।

ତାଗାଲ୍‌ଡାନତ- ଅଗିନ୍ ପାଇଁଡେତିନ୍ ବଜାଗା ଆସାଜାନ୍ ଡ ବଜାଗା କୁମାବାନ୍ ଲାଲେ ।

ସକାଳେ ନିଆଁ ଲିଭାଇଥିଲା ।

ଗୋଟିଏ ଜାଗାରେ ଅଙ୍ଗାର ଓ ଗୋଟିଏ ଜାଗାରେ ପାଉଁଶ ଅଜାଡିଦେଲା ।

କାକାନ୍ ଡ କଡାନ୍ ବୁଡିଲିନ୍ ଜାଇତାନ୍ ଗାଲୁଲିଜି ।

କାଉ ଏବଂ ବଗ କଳିଲାଗି ତଳେ ପଡିଗଲେ ।

କାକାନ୍ ଆସାଇ ଲିଂଗାନ୍ ଗାଗୁଲି ।

କାଉଟି ଅଙ୍ଗାରରେ ପଡିଲା ।

କଡାନ୍ କୁମା୍ବ୍ ଲିଙ୍ଗାନ୍ ଗାଗୁଲି ।

ବଗଟି ପାଉଁଶରେ ପଡିଲା ।

କୁନ୍ ସାରିଂକାକାନ୍ ୟାଗାଡାମ୍ ଡ କଡାନ୍ ପାଲୁ ଡେଲି ।

ସେହି ସମୟଠାରୁ କାଉକଳା ଓ ବଗ ଧଳା ହେଲା ।

ସୂଚନା :
- ❋ ଗଳ୍ପଟିକୁ ଉଭୟ ସଉରା ଓ ଓଡିଆ ଭାଷାରେ ପିଲାଙ୍କୁ ଶୁଣାଇବେ ।
- ❋ ଗଳ୍ପଟିର ମୁଖ୍ୟ ପଦ କାଉ, ବଗ, ଗଛ, ବୁଢୀ, ଘର ଚୂଲି, ପାଉଁଶ, ଅଙ୍ଗାର : ପିଲାଙ୍କ ଠାରୁ ଏହାର କ୍ରମ ପଚାରି ଉତ୍ତର ଆଦାୟ କରିବେ ।
- ❋ ଚିତ୍ରଦ୍ୱାରା ଗଣିତ ଶିକ୍ଷାଦାନ ସମୟ ୧-୧୦ ପର୍ଯ୍ୟନ୍ତ ସଂଖ୍ୟାକୁ ଉଭୟ ସଉରା ଓଡିଆ ଭାଷାରେ ଶିଖାଇବା ।
- ❋ କାହା ପରେ କିଏ ? ....(୮ ପଦ)

ପାଠ – ୭

ଲୁଆଂ

ଲୁମ୍ଗାଇ	**ମିଜିଂ**	**ଗି-ତାତେ**	
ମିଞ୍ଜି ମିଞ୍ଜି	ମିଞ୍ଜି ମିଞ୍ଜି	ଦିଶୁଛି	
	ଲୁଆଂ	**ଲିଙ୍ଗାନ୍**	**ତୁଇତୁଇକାନ୍**
	ଆକାଶ	ରେ	ତାରାଗୁଡିକ ।।
ଡେଡେର୍	**ଡେଡେର**	**ଗି-ତାତେ**	
ଗୋଲ୍	ଗୋଲ୍	ଦିଶୁଛି	
	ଲୁଆଂ	**ଲିଙ୍ଗାନ୍**	**ଆଙ୍ଗାକାନ୍ ।**
	ଆକାଶ	ରେ	ଚନ୍ଦ୍ର ।
ଡାଜାଇ	**ଡାଜାଇଏ**	**ଓବାଂ**	
ଚଢିଆସ	ଚଢିଆସ ହେ	ଭାଇ	
	କାନି	**ଲାଙ୍କା**	**ରାଂଙ୍ଗାତାଲାନ**
	ଏହି	ଉପର	ମଞ୍ଚାକୁ ।
ଆଗିଜାଲା	**ଏ**	**ଆୟିଂ**	
ଦେଖ୍ଆଲୋ	ହେ	ଭଉଣୀ	
	କାଣ୍ଡେ	**ୟାର୍ ୟାର୍**	**ମାନେତାନ୍ ।।**
	ଏହି	ମଂଚାରୁ	ଚାରିପଟକୁ ।

ସୂଚନା : * ଗୀତଟିକୁ ପିଲାଙ୍କ ସହିତ ଗାଇବା ଓ ଅଭିନୟ କରିବା । ଏ ବିଷୟରେ ଆଲୋଚାନ କରିବା ଚିତ୍ରରେ ପିଲା ସଂଖ୍ୟା ଓ ତାରା ସଂଖ୍ୟା ଗଣିବା ଓ ଅଧିକା ଗଣନଶିଖାଇବା ।

CS CamScanner

ପାଠ – ୮

ଆବ୍‌ଡୁର୍ (ପର୍ବ)

ତୁଡୁମାନ୍	ସାଦ୍‌ଡାତେ	ଢୁମ୍	ଢୁମ୍	ଢୁମ୍
ଢୋଲ	ଶବ୍ଦହୁଏ	ଢୁମ୍	ଢୁମ୍	ଢୁମ୍
ତାରେତେନ୍	ସାଦ୍‌ଡାତି	ପେଁ	ପେଁ	ପେଁ
ମହୁରୀ	ଶବ୍ଦହୁଏ	ପେଁ	ପେଁ	ପେଁ
ରାନାଜାନ୍	ସାଦ୍‌ଡାତି	ୟେଁ	ୟେଁ	ୟେଁ
ସାରଙ୍ଗୀ	ଶବ୍ଦହୁଏ	ୟେଁ	ୟେଁ	ୟେଁ
ରଗନ୍	ଆବ୍‌ଡୁର୍	ଯିରାଇତିନ୍	ବୁୟାଂକି	ବୁୟାଂକି
କାନ୍ଦୁଲ	ପର୍ବ	ଆସିଲା	ଭାଇମାନେ	ଭାଇମାନେ
ୟେରାଇ	ଆତଂସେଂନାବା	ଗାଡିଂକି	ଗାଡିଂକି	
ଆସ	ନାଚ କରିବା		ସାଙ୍ଗମାନେ	ସାଙ୍ଗମାନେ ॥

ସୂଚନା : ❋ ଗାଁ ରେ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ବିଷୟ ଧାରଣଶଦେବା । ଉକ୍ତି ଗୀତଟିକୁତାଳଦେଇ ପିଲାଙ୍କ ସହିତ ଗାଇବା । ନାଗଗୀତରେ ବ୍ୟବହାର କରିବା ବାଦ୍ୟଦନ୍ତ୍ର ବିଷୟରେ ଆଲୋଚନା କରିବା । ଗଣିତ ଶିକ୍ଷାଦାନ ମଧ୍ୟ ଉପରୋକ୍ତ ପାଠ ଦ୍ୱାରା କରିପାରିବା ।

CS CamScanner

ପାଠ – ୯

ସିମରାନ୍ ଡ ବୋଡନ (କୁମ୍ଭୀର ଓ ବିଲୁଆ)

ଆବଇ ବୋଡାନ୍ ଡାକୁଲି । ଆନିଁନ୍ ଜଡାଲିଂଗାନ୍ ଆୟନ, ଗୁଦ୍‌ଲୁନ୍, କିନାଡାନ୍ ୟାଁମ୍‌ଲେ ।

ଗୋଟିଏ ବିଲୁଆ ଥିଲା । ସେ ନାଳରେ ମାଛ, ଗେଣ୍ଡା, କଙ୍କଡା ଧରିଲା ।

ଡା-ଆଲିଂଗାନ୍‌ସାରିଂ ସିମରାନ୍ ଡୁଂଲିନାଇ ।

ପାଣି ଭିତରୁ କୁମ୍ଭୀର ବାହାରିଲା ।

ବୋଡାନ୍ ଆଜିଂ ପାକୁବ୍‌ଲେ । ବୋଡାନ୍ ବାତଂଲି ।

ବିଲୁଆର ଗୋଡକୁ କାମୁଡିଧରିଲା । ବିଲୁଆ ଡରିଗଲା ।

ବୋଡାନ୍ ଗାମ୍‌ଲେ-ମାମାଂ ଆମାନ୍ ଡିଂୟେଁନ୍ ଇର୍‌ପାକୁବ୍ ଲାବି ଉଡାନ୍ ଆଜିନ୍ ପାକୁବ୍‌ଲେ ।

ବିଲୁଆ କହିଲା-ମାମୁଁ ତୁମେ ମୋ ଗୋଡକୁ ନ କାମୁଡି ଆମ୍ବର ଚେରକୁ କାମୁଡିଁଛ ।

ଆଜାହିନା ଗାମ୍‌ଲେ ସିମ୍‌ରାସ୍ ବୋଡାନ୍ ଆଜିଂ ଅମ୍‌ଡାଲେ ।

ସତ ଭାବି କୁମ୍ଭୀର ବିଲୁଆର ଗୋଡ ଛାଡିଦେଲା ।

ଉଡଶଜିଡାନ୍ ପାକୁବ୍‌ଲେ । ବୋଡାନ୍ ମେଁ- ଏଙ୍ଗଲି ।

ଆମ୍ବଚେରକୁ କାମୁଡିଲା । ବିଲୁଆ ବଞ୍ଚିଗଲା ।

ସୂଚନା : ❋ ଗଳ୍ପଟି କହିବା ପୂର୍ବରୁ ଚିତ୍ରକୁ ଅନୁଧ୍ୟାନ କରିବା ପାଇଁ କହିବା । ଜଳଚର ଓ ସ୍ଥଳଚର ପ୍ରାଣୀ ବିଷୟରେ ଧାରଣା ଦେବା ।

CamScanner

ପାଠ – ୧୦

ଓବାଂ – ଆୟିଂ (ଭାଇ ଓ ଭଉଣୀ)

ୟେରାଇ	**ୟେରାଇ**	**ଓବାଂ**	**ଆଣ୍ଡିଡ୍‌ନାବା ।**
ଆସ	ଆସ	ଭାଇ	ଖେଳଖେଳିବା ।
ୟେରାଇ	**ୟେରାଇ**	**ଆୟିଂ**	**ଆଗାତାସିନାବା ।**
ଆସ	ଆସ	ଭଉଣୀ	ଖେଳ ଖେଳିବା ।
ୟେରାଇ	**ୟେରାଇ**	**ଓବାଂ**	**ଆତଂ ସେଂନାବା ।**
ଆସ	ଆସ	ଭାଇ	ନାଚକରିବା ।
ୟେରାଇ	**ୟେରାଇ**	**ଆୟିଂ**	**ଆକିନ୍ କିନ୍‌ନବା ।**
ଆସ	ଆସ	ଉଭଣୀ	ଗୀତ ଗାଇବା ।
ୟେରାଇ	**ୟେରାଇ**	**ଓବାଂ**	**ଆରାନ୍ ଅଡାଇବା ।**
ଆସ	ଆସ	ଭାଇ	ଗଛ ଚଢିବା ।
ୟେରାଇ	**ୟେରାଇ**	**ଆୟିଂ**	**ଆମଇଁ ନାବା**
ଆସ	ଆସ	ଭଉଣୀ	ଖୁସି କରିବା ।
ୟେରାଇ	**ୟେରାଇ**	**ଓବାଂ**	**ଆପାତ ନାବା ।**
ଆସ	ଆସ	ଭାଇ	ପାଠ ପଢିବା ।
ୟେରାଇ	**ୟେରାଇ**	**ଆୟିଂ**	**ସୋଡାମାରୁ**
ଆସ	ଆସ	ଭଉଣୀ	ବଡ ଲୋକ ହେବା ।

ସୂଚନା : ※ ଛାତ୍ର ଛାତ୍ରୀଙ୍କସହ ଗୀତଟିର ପ୍ରତ୍ୟେକ ଧାଡି ସ୍ୱଷ୍ଟ ଉଚ୍ଚାରଣ ଓ ଅଙ୍ଗଭଙ୍ଗୀ ମାଧମରେ ଅଭିନୟ କରି ବାରମ୍ୱାର ଆବୃତ୍ତି କରାଇବା । ଏହି ଗୀତ ଓଡିଆରେ ବି ଗାଇବା ଅଭ୍ୟାସ କରିବା । ଅକ୍ଷର ଶିକ୍ଷା ଗଣନ ଶିକ୍ଷା ଓ ବିଭିନ୍ନ ପ୍ରକାର ଖେଳ, ନାଚ ଓ ଗୀତ ବିଷୟରେ ଧାରଣା ଦେବା ।

※ **ଅଭ୍ୟାସ – ୨** ରେ ଥିବା ଚିତ୍ର ଗୁଡିକର ନାମ ଉଚ୍ଚାରଣ କରିବା ପାଇଁ ଅଭ୍ୟାସ କରାଇବା ।

※ **ଅଭ୍ୟାସ – ୩** ରେ ସ୍ଥାନୀୟ ସମଗ୍ରୀ ନେଇ ୧ -୫ ଯାଏ ଯୋଗ ଶିଖାଇବା ।

CS CamScanner

ପାଠ – ୧୧

ସି-ଇଂ ଲୋନ୍ (ଆମ ଘର)

ମାନ ଅଂଇଡାମ୍ ଇଡାକାଡାମ୍ ସିଂ- ଇଂଲେନ୍
ଖୁସି ଖୁସି ଆମ ଘର
ଆରିଦ୍ ସୁମଡାମ ଲାନାଂଗାଡାମ୍ ସିଂ- ଇଂଲେନ୍
ମଜାଲାଗେ ସୁନ୍ଦର ଦିଶେ ଆମ ଘର ।
ଆଜାନଡା ଅଡାନଡ ସିଂ- ଇଂଲେନ୍ ।
ଲିପାପୋଛା, ଝାଡୁ ମରାହୋଇଛି ଆମ ଘର
ଜାବା ଆନ୍ ଲେନ୍ ଆନ୍ ଡିନ୍ ନବା
ଆସ ଆମେ ଖେଳିବା
ରନ୍ ଡଡି ଲେନ୍ ଆନ୍ଡିଡ ନାବା ।
ଆମ ଦାଣ୍ଡରେ ଖେଳିବା
ସିଂଡିନ୍ ଆଜ ଆଜୋମ୍ବା ଜାବା,
ଖଜୁରୀକୋଳି ଖାଇବା ଆସ
ଉଡାନ୍ ପାଡସନ୍ ଆଜୋମ୍ବା ଜାବା ।
ଆମ୍ବ ପଣସ ଖାଇବା ଆସ

ଶିକ୍ଷକଙ୍କୁ ସୂଚନା : ⁕ ଏହି ଗୀତକୁ ଶିକ୍ଷକ ଓ ପିଲାଏ ଗାଇବେ ।

୧ । ଚିତ୍ରରେ ଦିଆଯାଇଥିବା ଘର , ଗଛ, ପଣସ ଓ ଝିଅ ନେଇ ଜାଣିଥିବା ପ୍ରଶ୍ନ ପ୍ରୟୋଗ କରିବା ।

୨ । ଗ୍ରାମ ଓ ଘରର ପରିଷ୍କାର ପରଚ୍ଛନ୍ନତା ପାଇଁ ଛାତ୍ରଛାତ୍ରୀଙ୍କୁ ବୁଝାଇବା ।

୩ । ଗ୍ରୀଷ୍ମ ଋତୁରେ ପାଚିଥିବା ଫଳ ଓ ପନିପରିବା ପାଇଁ ଗତି ବିଧି ପ୍ରୟୋଗ କରିବା ।

CS CamScanner

ପାଠ – ୧୨

ଜଲ୍‌ଡା ବୋଡା (ଚତୁର ବିଲୁଆ)

ସାଲାକାନ୍ ଆଗର୍‌ଜାଂ ତାଳମଣ୍ଡା । ଆନିନ୍ ତୁଲାବାନ୍ ଏନ୍ ତୁଂଲେ ବିନ୍‌ତାଲିନ୍ ।

ସାଲକାନ୍‌ର ଗାଁ ତାଳମଣ୍ଡା । ସେ ଜଙ୍ଗଲରେ ବୁଲି ବୁଲି ଶିକାର କରେ ।

ବଡିନା ଆନିନ୍ ଆବଇ ଡୁମୁଲ୍ ଡିଡାନ୍ଦୁ ବାଟୁଲିନ୍ (ଲାବାର୍) ବାଡି ତୁଇଁଲେ ।

ଦିନେ ସେ ଗୋଟିଏ ହରଡ ଚଢେଇକୁ ବାଟୁଲି ଦ୍ୱାରା ମାରିଲା ।

ଅନ୍‌ତିଡାନ୍ କାୟିଁଦ୍‌ଲି । ସାଲ୍‌କାନ୍ ବଇ ବଇ ମଅଁଇଁଲି ।

ଚଢେଇ ମରିଗଲା । ସାଲକା ବହୁତ ଖୁସି ହେଲ ।

ସାଲକାନ୍ ଆନିନ୍ ଡନସିଲୋ ପାଂଗାଇତିନ୍ । ଆକାନ୍ ତୁଂବାନ୍‌ସାରିଂ ଆବଇ ବୋଡାନ୍ ୟେରାଇତିନ୍ ।

ସାଲକା ତାକୁ ହାତରେ ଧରି ଆଣିଲା । ତା' ପଛଆଡୁ ଗୋଟିଏ ବିଲୁଆ ଆସିଲା ।

ଅନ୍‌ତିଡାନ ରୁ ଇଲେ ପାକୁବ୍‌ଲେ ତୁଲାବାନ୍ ୟିରେତିନ୍ । ସାଲାକାନ୍ ମାଡ ଏଡାଲିନ୍ ।

ଚଢେଇଟିକୁ ଛଡାଇ ପାଟିରେ ଧରି ଜଙ୍ଗଲକୁ ପକାଇଲା । ସାଲକା ବେଶୀ କାନ୍ଦିଲା ।

ସୂଚନା : ଗଛଟିକୁ ନେଇ ଆମେ ପିଲାଙ୍କ ସହିତ ଜଙ୍ଗଲରେ ଥିବା ବିଭିନ୍ନ ଗଛ ଓ ପଶୁ ପକ୍ଷୀ ସଂପର୍କରେ ଆଲୋଚନା କରିବା । ଏହା ସାଙ୍ଗକୁ କେଉଁ କେଉଁ ପକ୍ଷୀକୁ ଆମେ ପୋଷୁ ତା' ବିଷୟରେ ଧାରଣା ଦେବା ।

CS CamScanner

ପାଠ – ୧୩

ସାଦ୍‌ଲୋମ୍ (ବଗଡରୁ ଫେରିବା)

ସାଦ୍‌ଲୋମାନ୍ ଲା ଡେଲି ଝାମ୍‌ପୁରୀ
ବଗଡ ଫେରିବା ସମୟ ହେଲା ଜାମ୍ପୁରୀ ।
ସି- ଇଂଗାନ୍ ଆଇନାବା ମାମାରୀ
ଘରକୁ ଯିବା ମାମାରୀ ॥
ଡୁଡୁଡାନ୍ ତିଂଗାଇଲା ଝାମ୍‌ପୁରୀ
ଡଲାଟି ମୁଣ୍ଡରେ ଧରି ଝାମ୍‌ପୁରୀ ।
ଡାଂକିନ୍ ତିଂଗାଇଲା ମାମାରୀ ।
ହାଣ୍ଡିଟି ମୁଣ୍ଡିରେ ଧର ମାମାରୀ ॥

ସୂଚନା : ❋ ଉପରୋକ୍ତ ଗୀତଟିକୁ ଉଭୟ ସଉରା ଓ ଓଡିଆରେ ପିଲାଙ୍କ ସହ ଆବୃତ୍ତି କରିବା । ଗୀତ ଗାଇ ସମୟର ଧାରଣା ଦେବା । ବଗଡରେ ଆଦାୟ ହେଉଥିବା ଜିନିଷ ବିଷୟରେ ଆଲୋଚାନ କରିବା । ୧-୧୦ ମଧ୍ୟରେ ଅଙ୍କ ଧାରଣା ଦେବା । ଅଭ୍ୟାସ-୩ରେ ଥିବା ଓଡିଆ ପଦକୁ ଶିକ୍ଷକ ବିଭିନ୍ନ ଶସ୍ୟ ସଂଗ୍ରହ କରି ଦେଖାଇବେ ।

CamScanner

ପାଠ – ୧୪

ବୁଡିନ୍ ଆଗୁଗୁ ଏଙ୍ଗାଗି ଅବ୍‌ଜଙ୍ଗ୍‌ବା
(କିଏ କେମିତି ରାବେ ଅନୁକରଣ କରିବା)

ତାଲିୟାନ୍	ଗୁତେ	ହମା	ହମା
ଗାଈ	ରାବେ	ହମା	ହମା
କିମେଡାନ୍	ଗୁତେ	ମେଁ	ମେଁ
ଛେଳି	ରାବେ	ମେଁ	ମେଁ
କାନ୍‌ସିମାନ୍	ଗୁତେ	କକରେ	କ....
କୁକୁଡା	ରାବେ	କକରେ	କ....
କିନ୍‌ସଡାନ୍	ବବ୍‌ତେ	ଭୁଃ	ଭୁଃ....
କୁକୁର	ଭୁକେ	ଭୁଃ......	ଭୁଃ.....
କାମବୁନାନ୍	ଗୁତେ	ମୁର୍......	ମୁର୍.....
ଘୁଷୁରୀ	ରାବେ	ମୁର୍......	ମୁର୍.....
ରାମେଙାନ୍	ଗୁତେ	ମିଆଁଉ.....	ମିଆଉଁ....
ବିଲେଇ	ରାବେ	ମିଆଉଁ	ମିଆଉଁ...
ରା-ଆନ୍	ଗୁତେ	ୟାଓଁ....	
ହାତୀ	ରାବେ	ୟାଓଁ...	

ସୂଚନା :* ପଶୁପକ୍ଷୀ ରାବକୁ ଅନୁକରଣ କରିବା । ପଶୁପକ୍ଷୀଙ୍କ ନାମ ଓଡିଆ ଓ ସୌରାରେ ଉଚ୍ଚାରଣ କରିବା । ଭାଷା, ଗଣିତ ଓ ପରିବେଶ ଶିକ୍ଷା କରିପାରିବା ।

CS CamScanner

ପାଠ – ୧୫
ଡାଗାଇଂ (ଗ୍ରୀଷ୍ମଋତୁ)

ରୁୟଲ କୋଡାନ୍ ଡେତି
ଝଡା ପତ୍ର ହେବ
ଲେଡେଙ୍ଗ୍ କୋଡାନ୍ ଡେତି
କଅଁଳ ପତ୍ର ହେବ
ଆବାତାରାନ୍‌ରାତେ
ମହୁଲ ଫୁଲ ଫୁଟିବ ।
ଉଡାତାରାନ୍ ରାତେ
ଆମ୍ବ ଫୁଲ ଫୁଟିବ ।
ଡାଗାଇଙାନ୍
ଗ୍ରୀଷ୍ମ ଋତୁରେ ।
ପଗାତିଡାନ୍ ଗୁତେ
କଜଲପାତି ରାବୁଛି ।
ତାଗିଡାମ୍ ଡାଗାତି
ଝାଞ୍ଜି ଖରା ହେଉଛି ।

ଉଂ- ରାବ୍‌ଡାମ୍ ରାଙ୍ଗିତି
ଝାଞ୍ଜି ପବନ ବହୁଛି ।
ଆର୍‌ଗାଲ୍‌ଡାମ ଡେଡି- ଡାଗାଇଙାନ
ଶୋଷ ହେଉଛି- ଗ୍ରୀଷ୍ମ ଋତୁରେ ।
ସିଣ୍ଡିଗୁର୍, ଅଣ୍ଡେଂଗୁର୍,
ଖଜୁରୀ କୋଳି, ସାନ ଖଜୁରୀ
ଉଡାଗୁର୍, ତାରାବ୍ ଗୁର୍,
ଆମ୍ବ, ଚାର କୋଳି,
ପାଡ୍‌ସାନ୍ ଗୁ- ଉର୍‌ତି
ପଣସ ପାଚୁଛି ।
ଡୁଲ୍‌ବାନ୍, ଲଲନ୍‌ଡେତି
ଝୁରମା ବଗଡଚାଷ ହେବ,
ଡାଗାଇଙାନ
ଗ୍ରୀଷ୍ମ ଋତୁରେ ।

ସୂଚନା : ⁕ ଗୀତଟିକୁ ପିଲାଙ୍କ ସହିତ ଆବୃତ୍ତି କରି ଗ୍ରୀଷ୍ମ ଋତୁର ସମ୍ପୂର୍ଣ୍ଣ ବିଷୟରେ ଆଲୋଚନା କରିବା । ପର୍ବପର୍ବାଣୀ, ପ୍ରାକୃତିକ ପରିବେଶ, ଇତ୍ୟାଦି ବିଶଦ୍ ଆଲୋଚନା କରିବା ।

ଅଭ୍ୟାସ –୩ ପରି ନୂଆ ନୂଆ ସଉରା ଓ ଓଡିଆ ଶବ୍ଦ ପିଲାଙ୍କୁ ଶିଖାଇବା ।

CamScanner

ପାଠ – ୧୬

ଲବାରୁନ୍ କାଲ୍‌ଡିଙ୍ଗ୍ ଲୋ (ଲବାରୁ ଧରାପଡିଲା)

ଲବାରୁନ୍ ଆୟାଂ ରବନ୍ ଗାଇଲେ ।
ଲବାରୁର ମା କାନ୍ଦୁଲ ଭାଜିଲା ।
କାନ୍‌ତି ଲାଉ ଲିଙାନ୍ ଡାକ୍‌କୁଲେ ।
ତାକୁ ଲାଉ ଭିତରେ ରଖିଲା ।
ଲାଉନ୍ ଆନିଂଲିଙ୍ଗାନ୍ ଡଇଲେ ଡାକ୍‌କୁଲେ ।
ଲାଉକୁ ସିକାରେ ଝୁଲାଇ ରଖିଲା ।
ଆନିନ୍ ଉମାନାନ୍ ୟେର୍‌ଲେ ।
ସେ ଗାଧୋଇଗଲା ।
ଲବାରୁନ୍ ରଗନ୍ ଆଜୋସବିନ୍ ଇଦ୍‌ସମୁମ୍ ଏତିନ୍ ।
ଲବାରୁ କାନ୍ଦୁଲ ଖାଇବାକୁ ମନ କଲା ।
ଡେନ୍ ଆନିଂଙ୍ଗାନ୍ ଆସିନ୍ ଆ- ଜୁଉନେଡ୍ ।
ହେଲେ ସିକାକୁ ତା' ହାତ ପାଇଲା ନାହିଁ ।
ଆନିନ୍ ଡାଂକିନ୍ ଅବ୍‌ସେଂଲେ ଡାକୁଲେ ।
ସେ ହାଣ୍ଡି ଓଲଟାଇ ରଖିଲା ।
ଆଲାଂକା ଡାଜେତିନ୍ ।
ତା' ଉପରେ ଚଢିଲା ।
ଲାଉଲିଙ୍ଗାନ୍ ଉବ୍‌ଲେ ।
ଲାଉରେ ହାତ ପୁରାଇଲା ।
ରଗନ୍ ଲାଉଲିଙ୍ଗାନ୍ ଆସିନ୍ ଡାକୁଲି ।
ହେଲେ ଲାଉ ଭିତରେ ହାତ ରହିଗଲା ।
ଆୟାଙ୍ଗାନ୍ ଉମାଲେଂ ୟାର୍‌ଲି ନାଇ ।
ତା' ମା ଗାଧୋଇ କରି ଫେରିଲା
ଲବାରୁନ୍ କାଲ୍‌ହିଂଲେ ।
ଲବାରୁ ଧରାପଡିଲା ।

ସୂଚନା : * ଗଳ୍ପଟି କହିବା ପୂର୍ବରୁ ଚିତ୍ରକୁ ଅନୁଧ୍ୟାନ କରିବା ପାଇଁ ସୁଯୋଗ ଦେବା ।
ଗଳ୍ପଟି ଉଭୟ ସଉରା ଓ ଓଡିଆ ଭାଷାରେ କହିବା ।

CamScanner

ପାଠ – ୧୭

ରାମେଡାନ୍ ଆୟ ପାଙ୍ଗେଲେ (ବିରାଡି ମାଛ ନେଇଗଲା)

ମୁଗୁଡ୍ଡୁନ୍, ଜାମତାନ୍, ଡ ଲାକିନ୍ ୟାଗିନ୍ଝି ଗାଡି ।

ମୁଗୁଡ୍ଡୁ, ଜାମାତା ଓ ଲାକି ତିନି ସାଙ୍ଗ ।

ବଡିନା ଆନିଂଝି ଆୟାନ୍ ୟାମ୍ବିନ୍ ଇଲେଝି ।

ଦିନେ ସେମାନେ ମାଛ ମାରି ଗଲେ ।

ଆୟନ୍ ଜୁଲ୍ଲେ ପାଙ୍ଗ୍ଲାଇଝି ।

ମାଛ ଗୁଚ୍ଛି ଆଣିଲେ ।

ଆୟନ୍ ବାଗୁ କିନ୍ସଡାନ୍ ଗିଢ୍ଲେଝି ।

ମାଛକୁ ଦୁଇଟି କୁକୁର ଦେଖିଲେ ।

ଆନିଂଝି ଆକାନ୍ଡଂବାନ୍ ସାରିଂ ଆୟନ୍ ରୁଇଲେ ପାଙ୍ଗଲେଝି

ସେମାନେ ପଛପଟୁ ମାଛ ଛଡାଇ ନେଲେ ।

ଆୟନ୍ ଡାକ୍କୁଲେ ବାଗୁନ୍ଝି ରୋଡିଲିଂଝି ।

ମାଛ ରଖି ଦୁହେଁ କଳି କଲେ ।

ତୁଲାବ୍ ବୋଡାନ୍ କାନ୍ ଗିଢ୍ଲେ ।

ବଣ ବିଲେଇଟି ଏହା ଦେଖୁଥିଲା ।

ଆନିନ୍ ଆୟନ୍ କୁଡ୍ଡୁବାନ୍ ପାଙ୍ଗଲେ ୟେର୍ଲେ ।

ସେ ମାଛତକ ନେଇ ପଳେଇ ଗଲା ।

ସୂଚନା :* ଗଳ୍ପ କହିସାରିବା ପରେ ଚିତ୍ରରେ ଥିବା ବିଭିନ୍ନ ଗଛ, ପ୍ରାଣୀ ବିଷୟରେ ଆଲୋଚନା କରିବା ଚିତ୍ର ଦେଖାଇ ଗଣିତର ଯୋଗ ବିୟୋଗ ବିଷୟରେ ଧାରଣା ଦେବା ।

CS CamScanner

ପାଠ – ୧୮
ଗର୍ଜାଂଲେନ୍ (ଆମ ଗାଁ ଗୀତ)

କାନିନ୍‌ନା ଗର୍‌ଜାଂଲେନ୍ କାନିନ୍‌ନା ଲାବଲେନ୍
ଏଇଟି ଆମ ଗାଁ । ଏଇଟି ଆମ ମାଟି ।
କାନିନ୍‌ନା ସାନ୍‌ନା ସାରିଂ ମାନ୍‌ରେଂ ନାଲେନ୍
ଏଇଟି ସାନ ସମୟରୁ ଆମ ଜୀବନ ।
ୟାର୍ ୟାର୍ ମାନେଂ ଏନ୍‌ଡୁଙ୍ଗ୍‌ତାର
ଚାରି ଆଡେ ବୁଲିବି ।
ଆୟିଁମାନ୍ ୟେଁନ୍ ଇଡ୍‌ସୁମ୍‌ତାଇ
ତା' ନାମଟି ମୋତେ ଭଲ ଲାଗୁଛି ।
ଆନିନ୍‌ନା ୟାଙ୍ଗ୍‌ୟେଁନ୍ ଆନିନ୍‌ନା ଉଆୟେଁନ୍
ସେ ହିଁ ମୋର ମାଁ ସେ ହିଁ ମୋର ବାପା ।
ଆନିନ୍‌ନା ବୁୟାଙ୍ଗ ୟେଁନ୍ । ଆନିନ୍‌ନା ଗାଡିୟେଁନ୍
ସେ ହିଁ ମୋର ଭାଇ । ସେ ହିଁ ମୋ ସଙ୍ଗାତ ।

ସୂଚନା :* ଶିକ୍ଷକ ଓଡିଆ ଗୀତଟି ପିଲାଙ୍କୁ ଶିଖାଇବେ । ଓଡିଆ ଓ ସଉରାରେ ଆବୃତ୍ତି କରିବେ । ଗାଁର ଚିତ୍ର ଦେଖାଇ ବିଭିନ୍ନ ପ୍ରଶ୍ନ ପଚାରି ଆଲୋଚନା କରିବେ । ଶିକ୍ଷକ ଗୀତଟିଏ ଲେଖି ପିଲାଙ୍କୁ ଗାଇବା ଶିଖେଇବେ ।

ପାଠ – ୧୯

ଉଡାଗୁର୍ (ପାଚିଲା ଆମ୍ବ)

ଡାଗାଇଙ୍ଗାନ୍ ବୁଡାମାରାନ୍ ଉଡାନେବାନ୍ ଡିମାଡ୍‌ଲିନ୍ ।

ଖରାଦିନେ ବୁଢାଟିଏ ଆମ୍ବଗଛ ତଳେ ଶୋଇଥିଲା ।

ଆନେବ୍‌ଲିଙ୍ଗାନ୍ ଆବଇ ଆର୍‌ସିନ୍ ଡାକୁଲେ ।

ଗଛ ଉପରେ ଗୋଟିଏ ମାଙ୍କଡ ଥିଲା ।

ଆନିନ୍ ଉଡା ଜୋମେତିନ୍ ।

ସେ ଆମ୍ବ ଖାଉଥିଲା ।

ଉଡାନ୍ ଜୋମ୍‌ଲେ ଆତାଂକୁନ୍ ଜାଇତାନ୍ ସିଡେତିନ୍ ।

ଆମ୍ବ ଖାଇ ଟାକୁଆତକ ତଳେ ପକାଉଥିଲା ।

ଆତାଂକୁ ଉଲାନ୍ ବୁଡାନ୍ ଆସୁଡା ପଙ୍ଗ୍‌ଲିଙନ୍ ଗାଲୁଲି ।

ଟାକୁଆଟି ବୁଢାର ଅନ୍ତଲ ପେଟରେ ପଡିଲା ।

ବୁଡାମାରାନ୍ ମାଡିଲେ ।

ବୁଢାର ନିଦ ଭାଙ୍ଗିଗଲା ।

ସୂଚନା :※ ଗଳ୍ପଟିକୁ କହିବା ପରେ ବିଭିନ୍ନ ପ୍ରକାର ଆମ୍ବ ବିଷୟରେ ଆଲୋଚନା କରିବା । ଅଭ୍ୟାସ ୩ରେ ଥିବା ଟାଙ୍ଗୁଡିରୁ ପଡିଥିବା ଫଳଗୁଡିକୁ ଗଣାଇବା ଓ କେଉଁ ଫଳ କେତୋଟି କହିବା ପାଇଁ ନିର୍ଦ୍ଦେଶ ଦେବା । (କେଉଁ ଋତୁରେ ଆମ୍ବ ଫଳେ । ଋତୁ ଅନୁସାରେ ଫଳ । ଆମ୍ବ ଗଛରେ ଉପକାରିତା ।) ଗଣିତ ଓ ପରିବେଶ ଶିକ୍ଷାଦାନ ମଧ୍ୟ କରିପାରିବା ।

CS CamScanner

ପାଠ – ୨୦

ମାବା ଆଇବା (ଚାଲଯିବା)ଗୀତ

ଆଡାଲ୍‌ବାନ୍	ଆଇବା	ଆନ୍‌ଲେନ୍	ଅଲାବାନ୍	ଆଇବା
କାଠପାଇଁ	ଯିବା	ଆମେ ।	ପତ୍ର ପାଇଁ	ଯିବା ।
ଅନ୍‌ବ୍ଡେଗୁର୍	ଇ-ତେ	ଜୁମ୍‌ବି	କାନ୍‌ରିଡାନ୍	ଆଇବା ମାବା
ବଣ ଖଜୁରୀକୋଳି	ଯାଇ	ଖାଇବା,	ଜଙ୍ଗଲକୁ	ଯିବା ଚାଲ ।
ସ୍ରବାନ୍	ଆୟିର୍‌ବା	ଆନ୍‌ଲେନ୍	ବାସେଡାନ୍	ଆୟିର୍‌ବା
ବିଲକୁ	ଯିବା	ଆମେ,	ପଦରକୁ	ଯିବା
ଆବାରାନାଇବା	ଆନ୍‌ଲେନ୍	ମାଇଲିନ୍	ଆଇବା	ଯାବା
କାମ କରିଯିବା	ଆମେ	ମିଳିମିଶି	ଯିବା	ଆସ ।

ସୂଚନା :* ଗୀତଟିକୁ ପିଲାଙ୍କ ସହିତ ଗାଇବା । ଗୀତରେ ଥିବା ବିଷୟବସ୍ତୁ ପିଲାଙ୍କ ସହିତ ଆଲୋଚନା କରିବା ।

ଅଭ୍ୟାସ - ୪ ରେ ଥିବା ରେଳରେ କେଉଁ ଡବାରେ କେତେ ଲୋକ ଅଛନ୍ତି, ତାହା ମିଶାଇବା ପାଇଁ ପିଲାଙ୍କୁ କହିବା । ଏଥିରେ ଯୋଗ ବିଯୋଗ ଅଭ୍ୟାସ କରାଇବା । ପୃଷ୍ଠା ମଝିରେ ପିଲାଏ ଅଂକ କରିବେ ।

CamScanner

ପାଠ – ୨୧

ତାନିମ୍‌ନା ୟାଁନିନା (ବିକା କିଣା) ଗୀତ

ଏଙ୍ଗେରାନ୍,	ତୋସାନ୍,	ତୁବୁରାନ୍,	ୟାୟିଂ
ଅଁଲାଂ,	ହରିଡା,	ବାହାଡା,	ଭଉଣୀ
ୟିଁଡାଇ	ରୁକୁଆଇ	ତୋଡୋଦ୍‌ଲେଂଗାନ୍	ୟାୟିଂ
ସାଉଁଟାଇ	ଗଦାକର	ଡଲାରେ	ଭଉଣୀ ।
ବାଜାରାନ୍	ପାଙ୍‌ଲେ	ଆଡିମ୍‌ନାଇ	ଆୟିଂ
ବଜାରକୁ	ନେଇ	ବିକିଯିବା	ଭଉଣୀ ।
ଆଣ୍ଡାରାଇ,	ତମାତନ୍,	ଆୟିଁନାଇ	ୟାୟିଂ
ବାଇଗଣ,	ଟମାଟ	କିଣିଯିବା	ଭଉଣୀ ।
ଆନ୍ନାସୁଡାନ୍,	ଆଲୁନ୍	ଆୟିଁନାଇ	ୟାୟିଂ
ପିଆଜ,	ଆଳୁ	କିଣିଯିବା	ଭଉଣୀ ।
ବାଜାରାନ୍	ଆୟେ	ଜାଇଲା	ଆୟିଂ
ବଜାରକୁ	ଯିବା	ଆସଲୋ	ଭଉଣୀ ।

ସୂଚନା :* ପିଲାଙ୍କ ବହିରେ ଦିଆଯାଇଥିବା ଚିତ୍ର ଦେଖାଇ ଶିକ୍ଷକ ହାଟ ଓ ବଜାରର ଧାରଣା ଦେବେ । ହାଟରେ କ'ଣ କ'ଣ ହୁଏ, ହାଟରେ ପରିବେଶ କିପରି ଥାଏ, ସେସବୁକୁ ଆଲୋଚନା କରିବେ । ସାଇଁତା- ପାଠ ରେ ଦିଆଯାଇଥିବା ଚିତ୍ରଟି ଦେଖାଇବେ ।

ଗ୍ରାମ ହାଟର ଦୃଶ୍ୟ ପାଇଁ ପିଲାଙ୍କୁ କ୍ଷେତ୍ର ପର୍ଯ୍ୟବେକ୍ଷକ ପାଇଁ ମଧ୍ୟ ନେଇ ପାରନ୍ତି । ହାଟରେ ମିଳୁଥିବା ବିଭିନ୍ନ ଫଳ, ପରିବା ଓ ଅନ୍ୟ ଜିନିଷ ସବୁ ଆସୁଥିବାର କହିବେ । ପୂର୍ବ ପାଠ ଗୁଡିକରୁ ଆସିଥିବା ଅକ୍ଷର ଓ ସଂଖ୍ୟା ଗୁଡ଼ିକ ଏ ପାଠରୁ ଚିହ୍ନିବେ ।

ପାଠ – ୨୨

(ମାଙ୍ଗାଡାନ୍ ଆବାନୁଡି) ମାଙ୍ଗଡାର ବୁଦ୍ଧି

ମାଙ୍ଗାଡାନ୍ ଆଡାଲାନ୍ ତୁଲାବାନ୍ ସାରିଂ ୟାର୍‌ତିନାଲାଇ ।
ମାଙ୍ଗଡା କାଠ ଧରି ବଣରୁ ଫେରୁଥାଏ ।
ଆବୁମ୍ନଂ କିନାନ୍ ସାରିଂ ଡୁଂଲେନାଇ ।
ହଠାତ୍ ବାଘଟି ଗୁମ୍ଫାରୁ ବାହାରିଲା ।
ଗାମ୍‌ଲେ - ଆମାନ୍ ଜୁମ୍‌ତାମ୍ । ମାଙ୍ଗଡା ଗାମ୍‌ଲେ - ମାମାଙ୍ଗ ଲିମ୍‌ତାମ୍
କହିଲା - ତୋତେ ଖାଇବି । ମାଙ୍ଗଡା କହିଲା - ମାମୁଁ ନମସ୍କାର ।
ୟେଁନ୍ ତୁମ୍ ତା ୟୁମ୍‌ତିନ୍ । କାମ୍ପୁଙ୍ଗନାମ ଆବେଇଏ ।
ମୋତେ ଖାଲି ଖାଇବ ? ତୁମ ପେଟ ପୂରିବ ନାହିଁ ।
କିନାନ୍ - ଏତିଡେନ୍ ଇତିନ୍ ଲୁମ୍‌ତେ ?
ତେବେ କ'ଣ କରିବୁ ?
ମାଙ୍ଗଡା - ୟେନ୍ ୟେର୍‌ତେ, ଓ୍ୱାୟେଁନ୍ ଗୁଡ଼ିଂଲେଂ ଉରୁଂତାଇ ।
ମାଙ୍ଗଡା - ମୁଁ ଯାଏ ବାପାକୁ ଡାକି ଆଣେ ।
ଆନିନ୍ ସୁଡାମାର୍ । କାମ୍ପୁଙ୍ଗ ନାମ୍ ବିଇତି । କିନାନ୍ - ୟେରା, ଉମେଂ ୟାରାଇତିନ୍
ସେ ମୋଟା ଲୋକ ତୋ ପେଟ ପୂରିଯିବ । ବାଘ - ଯା, ଜଲଦି ଆସିବୁ ।
ମାଙ୍ଗାଡାନ୍ ଯିଯି ଆଙ୍ଗାଲାନ୍ ସିଡ୍‌ଲେ ଇର୍‌ଲେ ୟେରେତିନ୍ ।
ମାଙ୍ଗାଡା କାଠ ବିଡା ଫିଙ୍ଗି ଦଉଡି ପଳାଇଗଲା ।

ଶିକ୍ଷକ ପିଲାମାନଙ୍କ ସହ ଏହି ଗପଟି ଆଲୋଚନା କରିବେ । ଦୁଇ ତିନିଥର କାହାଣୀଟିକୁ କହି ଶୁଣାଇବେ । ପିଲାମାନଙ୍କ ସହ କାହାଣୀଟି ଆଲୋଚନା କରିସାରିବା ପରେ ନିମ୍ନଲିଖିତ ପ୍ରଶ୍ନମାନ ପଚାରିବେ ।

ଏହା ପୂର୍ବରୁ ଅଭିନୟାତ୍ମକ ଶିକ୍ଷଣ କାର୍ଯ୍ୟଟିକୁ ପିଲାଙ୍କ ଦ୍ୱାରା କରାଇବେ ।

ପ୍ରଶ୍ନ ୧ । କିଏ ଜଙ୍ଗଲକୁ ଯାଇଥିଲା ?
ପ୍ରଶ୍ନ ୨ । ମାଙ୍ଗାଡା କ'ଣ ପାଇଁ ଜଙ୍ଗଲକୁ ଯାଇଥିଲା ?
ପ୍ରଶ୍ନ ୩ । ବାଘମାମୁଁ ମାଙ୍ଗାଡାକୁ କ'ଣ କହିଲା ?
ପ୍ରଶ୍ନ ୪ । ମାଙ୍ଗାଡା ବାଘ ମାମୁଁଙ୍କୁ କ'ଣ କହିଲା ?
ପ୍ରଶ୍ନ ୫ । ତୁମେ କେବେ ବାଘ ବା ଅନ୍ୟ ହିଂସ୍ର ଜନ୍ତୁ ମୁହଁରେ ପଡିଲେ କ'ଣ କରିବ ।

ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଶିକ୍ଷକ ପ୍ରତ୍ୟେକ ପିଲାଙ୍କଠୁ ଆଦାୟ କରିବେ ।

CS CamScanner

ପାଠ – ୨୩

ଗାନୁର୍-ଇଂ (ବର୍ଷାଋତୁ)

ଗାନୁର୍-ଇଂଗାନ୍ ଘିରାଇତିନ୍ । କୁଦ୍‌ତୁବ୍ ଡିନା ଗାନୁର୍‌ତି ।

ବର୍ଷା ଋତୁ ଆସିଲା । ସବୁ ଦିନ ବର୍ଷା ହେଉଛି ।

ବାରୁଲିଂଗାନ୍ ଜାବ୍‌ମଲାନ୍ ପାଡାବ୍‌ଲି । ବାରୁନ୍ ଅନ୍‌ସିଂଗାନ୍ ଆସାବ୍‌ଜାବା ।

ବଗଡ଼ରେ ଶସ୍ୟମଞ୍ଜୁ ବାହାରିଲା । ବଗଡ଼ରେ କୁଡ଼ିଆଘର ତିଆରି କରିବା ।

ଆନ୍‌ସାରିଂ ଆନ୍‌ଲେନ୍ ବାରୁନ୍ ଆଡାକୁନାଇବା ।

ତା'ପରେ ଆମେ ବଗଡରେ ରହିଯିବା ।

ରଗନ୍ ବୁରୟାନ୍, ଆତୁଂଗାନ୍ ଆତୁର୍‌ତୁର୍‌ବା ।

କାନ୍ଦୁଲ୍, କାଙ୍ଗୁ, ବୋଇତାକୁ ଲଇଯିବା ।

ଗୁଉ-ରିନ୍ ଡେନ୍ ସିଂ-ଇଂଗାନ୍ ଆପାଂଗାଇବା ।

ପାଚିଲେ ଘରକୁ ଆଣିବା ।

ସୂଚନା :✵ ବର୍ଷାଋତୁରେ କେଉଁ ଫସଲ କରାଯାଏ ଏବଂ ଆଦିବାସୀ ଅଞ୍ଚଳରେ ବଗଡରେ ଆଦାୟ ହେଉଥିବା ନାନାପ୍ରକାର ଫସଲ ଗୁଡ଼ିକର ସଂପର୍କରେ ଆଲୋଚନା କରିବା ।

CS CamScanner

ପାଠ – ୨୪

ଡାନେବଡେବ୍ ରାନାଜାନ୍‌ଜି ଆସାନାଦ୍‌ଜା

(ବିଭିନ୍ନ ବାଦ୍ୟ ଯନ୍ତ୍ରର ସ୍ୱର)

ତେରେତେ ତେରେତେ ସାଦ୍‌ଡାଡି ପାନେଡାନ୍
ତେରେତେ ତେରେତେ ବାଜେ ମହୁରୀ
ଡିରିଡିଆଙ୍ଗ୍ ଡିଡିହିଆଙ୍ଗ୍ ସାଦ୍‌ଡାଡି ପିରୁଡୁଜାନ୍
ଡିରିଡିଆଙ୍ଗ୍ ଡିରିଡିଆଙ୍ଗ୍ ବାଜେ ବଇଁଶି
ଡୁମ୍ ଡୁମ୍ ଡୁମ୍ ସାଦ୍‌ଡାଡି ଡୁଡୁମାନ୍
ଡୁମ୍ ଡୁମ୍ ଡୁମ୍ ବାଜେ ଢୋଲ
ଡାଣ୍ଡାଡାଂ ଡାଣ୍ଡାଡାଂ ସାଦ୍‌ଡାଡି କାଡିଡାନ୍
ଡାଣ୍ଡାତାଂ ଡାଣ୍ଡାତାଂ ବାଜେ ଡାମ୍ପ
ଘଁଡେ ଘଡେ ଘଁଡେ ସାହ୍‌ଡାଡି ରାନାଜାନ୍
ଘଁଡେ ଘଁଡେ ଘଁଡେ ଶୁଭେ ସାରଙ୍ଗୀ
ରାଗୋ ରାଗୋ ସାଦ୍‌ଜାଡି ରାଗୋ ରାଜାନ୍
ରାଗୋ ରାଗୋ ଶୁଭେ ଲଡକ ବାଜା
ଡୃଡୃଡୃଡୃ ସାଦ୍‌ଜାଡି ତୋଦ୍‌ଡୁ ପେଡାନ୍
ଡୃଡୃଡୃଡୃ ଶୁଭେ ଡୁରୀଟି
ସେଁ ସେଁ ସେଁ ସେଁ ସାଦ୍‌ଡାଡି ପାନେଦ୍‌ସିନ୍
ସେଁ ସେଁ ସେଁ ସେଁ ଶୁଭେ ସିସି/ସିଟିମରା
ବୌଂ ବୌଂ ବୌଂ ବୌଂ ସାଦ୍‌ଡାଡି ବେଣ୍ଡୁରାଇ/ବୁଙ୍ଗବୁଙ୍ଗ ରଜାନ୍
ବୌଂ ବୌଂ ବୌଂ ବୌଂ ଶୁଭେ ବୀଣାଟି ।

ସୂଚନା : * ''ଦଳେପିଲା ଗୋଟିଏ ବାଦ୍ୟ ଯନ୍ତ୍ରର ସ୍ୱର ଉଚ୍ଚାରଣ ବେଳେ ଅନ୍ୟଦଳ ସେହି ବାଦ୍ୟ ଯନ୍ତ୍ରର ଧାରଣା ପ୍ରଦାର୍ଶନ ପୂର୍ବକ ବାଜା ବଜାଇବା'' କାର୍ଯ୍ୟବିଧି ପ୍ରୟୋଗ କରିବା ।

* ବିଭିନ୍ନ ବାଦ୍ୟ ଯନ୍ତ୍ରର ନମୁନା ସଂଗ୍ରହ କରି ଏହି କାର୍ଯ୍ୟବିଧି ମଧ କରାଯାଇପାରିବ ।

* 'ଡ' ଅକ୍ଷର ପଦ ଗଠନ ଓ ଉଚ୍ଚାରଣ ପାଇ ଚେଷ୍ଟିତ ହେବା ।

CamScanner

ପାଠ – ୨୫

ବଡରାବ୍‌ନାସିଇ (ରକ୍ଷିବା ପିଲା)

ଡେମା ଓମାଂ ପାଣିଇ । ଆରାନ୍ ଜାଇତେ । ଆୟ ୟାମ୍‌ତେ । ବାରାନ୍ ଲୁମତେ ।

ଡେମା ସାହସୀ ପିଲା । ଗଛ ଚଢେ । ମାଛ ଧରେ । କାମ କରେ ।

ଡେନ୍ ବଇଦଇ ବାଦ୍‌ରାବ୍‌ତିନ୍ । ଓ୍ୱାଂ ୟାଂ ଆବିର୍‌ନା ଆବ୍‌ମାନିଏ ।

ହେଲେ ବହୁତ ରୁଷେ । ବାପା ମାଙ୍କ କଥା ମାନେ ନାହିଁ ।

ବଡିନ୍ନା ଡେମା ବଦ୍‌ରାବଲିନ୍ । ଅଗାଗାନେଡ୍ ।

ଦିନେ ଡେମା ରୁଷିଲା । ଖାଇଲା ନାହିଁ ।

ତଗାଲାନ୍ ପିଣ୍ଡାଲିଙ୍ଗାନ୍ ଡିମାଡ୍‌ଲିନ୍ । ତୁଡାର୍ ତଲାଲ ସାଲୁନ୍ ୟେର୍‌ରାଇ ।

ରାତିରେ ବାରଣ୍ଡାରେ ଶୋଇଲା । ଅଧରାତିରେ ଭାଲୁଟିଏ ଆସିଲା ।

ଡେମାନ୍ ଆବ୍‌ଡିଲେ ଉରୁଂଲେ । ଡେମାନ୍ ଆୟାଂ ଆଓ୍ୱାଂ କାନାତି ଗାଲାମ୍‌ଲେଜି ।

ଡେମାକୁ ଉଠାଇ ନେଲା । ଡେମାର ବାପା ମା ଏହା ଜାଣିଲେ ।

ଆନିଂଜି ତାନାପ ତୁଡ୍ ୟାମ୍‌ଲେ ଡୁଂଲେ ନାଂଇଜି । ସାଲୁନ୍ ଗଂଲେଜି ।

ସେମାନେ ନିଆଁ ହୁଳା ଧରି ବାହାରିଲେ । ଭାଲୁ ପଛରେ ଗୋଡାଇଲେ ।

ସାଲୁନ୍ ତାନାପତୁଡ୍ ଗିଜ୍‌ଲେ ବାତଂଲେ ।

ଭାଲୁ ନିଆଁହୁଳା ଦେଖି ଡରିଗଲା ।

ଡେମାନ୍ ଅମ୍‌ଡାଲେ ।

ଡେମାକୁ ଛାଡିଦେଲା ।

ତୁଲାବାନ୍ ୟେରେତିନ୍ । ଡେମାନ୍ ମେଏଂଲି ।

ଜଙ୍ଗଲକୁ ପଳାଇଗଲା । ଡେମା ବଂଚି ଗଲା ।

ସୂଚନା : ✱ ଗଳ୍ପଟି କହିବାପରେ ହିଂସ୍ର ଜନ୍ତୁଙ୍କ ସଂପର୍କରେ ଆଲୋଚନା କରିବା । ବାପା, ମାଙ୍କ କଥା ଓ ଗୁରୁଜୀ ମାନଙ୍କ କଥା ମାନି ଚଳିବାପାଇଁ କହିବା । ଭଲ ପିଲା ହେବା ପାଇଁ କହିବା । ବିଭିନ୍ନ ପଶୁଙ୍କ ବିଷୟରେ ଧାରଣା ଦେବା ।

CS CamScanner

ପାଠ – ୨୬

ଡବେ ଆବାନୁଡି (ଡବେର ବୁଦ୍ଧି)

ଡବେ ଆଗର୍ଜାଂ ତିଲିକର । ଆନିନ୍ ବାଂଗ୍ସା ଡଲ୍ଡା ବାନୁଆମାର୍ ।
ଡବେର୍ ଗାଁ ତିଲିକର । ସେ ଭଲ ଜଗୁଆ ଶିକାରୀ ।
କିନାନ୍ ଡବେନ୍ ଆତାଂଲିଜ୍ ୟାଁମେତିନ୍ ।
ଦିନେ ଗୋଟିଏ ବାଘ ଡବେର୍ ଗାଇକୁ ମାରିଲ ।
ଡବେ ସୁଡା ସାର୍ଗିଆଲିଂ ଗାନ୍ ରାଂତାଲାନ୍ ସାବ୍ଜାଲେ ।
ଏବଂ ଶାଳ ଗଛର ଚାରିଆଡେ କାଠ ଗୋଜିଆ କରି ପୋତିଲ ।
କିନାନ୍ ଡାଜିଂ ଲଂକା ଏଲାଇତେ ଆନିନ୍ ଗାଲାମ୍ ।
ବାଘ କେତେ ଉଚ୍ଚ ଡେଇଁପାରେ ଡବେର୍ କୁ ଜଣା ।
କିନାନ୍ ତାଂଲିୟାନ୍ ଆଜୁମ୍ ଜୁମ୍ବା ୟେରାଇତେନ୍ । କିନାନ୍ ଜୁମେତିନ୍ ।
ବାଘ ଗାଇକୁ ଖାଇବାକୁ ଆସିଲା । ବାଘ ଖାଇଲା ।
ଡ କୁନ୍ ଆୟାମ୍ ଡବେନ୍ ରାଙ୍ଗତାଲାନ୍ ସାରିଂ କିନାନ୍ ଗିଇଗିଇଲେ ।
ଏବଂ ସେ ସମୟରେ ଡବେର୍ ମଞ୍ଚାରୁ ବାଘକୁ ଦେଖିଲା ।
ବାଡାନ୍ ବାଣ୍ଡି ସୟଲେ । ଗୁଡ଼ିନ୍ କିନାନ୍ ଆବାବ୍ ଗାତର୍‌ରି । କିନାନ୍ ବାୟାଲି ।
ବନ୍ଧୁକରେ ଲାଛିଲା । ଗୁଳି ବାଘର ମୁଣ୍ଡରେ ବାଜିଲା । ବାଘ ବାୟାହେଲା ।
ଡବେନ୍ ଆଡ-ଅଂ ଜୁମ୍‌ତାଇ ଗାମ୍‌ଲେ ଲାଂକାନ୍ ଏଂଗଲେ ।
ଡବେ କୁ ଖାଇବି ବୋଲି ଉପରକୁ ଡେଇଁଲା ।
ଡବେ ଆବାବ୍ ସାବ୍‌ମାଂଗଲେ ଏଲାଇଲେ ।
ଏବଂ ବାଘ ଡବେର ମୁଣ୍ଡ ଉପରକୁ ଡେଇଁଲା ।
ଡବେ ଆସୁବ୍‌ନେ ଆରାଲିଙ୍ଗ ଆକାମ୍ ପୁଙ୍ଗାନ୍ ତାଂଲିନ୍ ।
ଡବେ ପୋତିଥିବା ଗୋଜିଆ କାଠରେ ତା' ପେଟ ଗଳିଗଲା ।
କିନାନ୍ ବାରୁବ୍ ଗଲେ । କିନାନ୍ କାୟିଁଦ୍‌ଲୋ । ଡବେର ସୁଉଡାନ୍ ୟେରାଇତେନ୍ ।
ବାଘ ଘୋଁ ..... ଘୋଁ ରଡିକଲା, ମରିଗଲା । ଡବେ ଘରକୁ ଫେରିଲା ।

CamScanner

ପାଠ – ୨୭

କୋଡା(ବଗିଚା)

ଶିକ୍ଷକ ପିଲାମାନଙ୍କୁ ଚିତ୍ରଟିକୁ ଅନୁଧାନ କରିବା ନିମନ୍ତେ କହିବେ ।ଯଦି ବିଦ୍ୟାଳୟ ହତା ମଧ୍ୟରେ କିମ୍ବା ନିକଟରେ କୌଣସି ବଗିଚା ଥାଏ, ତେବେ ବଗିଚା ମଧ୍ୟରେ ପିଲାମାନଙ୍କୁ ବୁଲାଇ ଆଣିବେ । ପିଲାମାନେ ବଗିଚାରେ ବୁଲିବା ବେଳେ କି କି ଗଛ ଦେଖୁଛନ୍ତି, ସେଗୁଡିକର ନାମ କ'ଣ, ସେମାନେ କ'ଣ ଜାଣୁଛନ୍ତି, କେଉଁ ଫଳ ସେମାନେ କଞ୍ଚାରେ ଖାଆନ୍ତି ଓ କେଉଁ ଫଳ ପାଚିଲା ଖାଆନ୍ତି, ସେହି ବିଷୟରେ ଆଲୋଚନା କରିବେ । ଯଦି ବଗିଚା ନଥାଏ, ଏହି ଚିତ୍ରରୁ କିମ୍ବା ନିଜେ ବଗିଚାର ଏକ ଆକର୍ଷଣୀୟ ଚିତ୍ର କରି ଉପର ଲିଖିତ ବିଷୟକୁ ଆଲୋଚନା କରିବେ । ସେହି ବିଷୟ ଗୁଡିକ ଶିକ୍ଷକ ପ୍ରଶ୍ନ ଛଳରେ ଉପସ୍ଥାପନ କରିବେ ଓ ପିଲାମାଏନ ଯେପରି ପରସ୍ପର ମଧ୍ୟରେ ଆଲୋଚନା କରି ଉତ୍ତରଟି ପାଇବେ, ସେହି ବିଷୟପ୍ରତି ବିଶେଷ ଗୁରୁତ୍ୱ ଦେବେ ।

ଶିକ୍ଷଣ କାର୍ଯ୍ୟ/କାର୍ଯ୍ୟବିଧି (Activity)

ଶିକ୍ଷକ ତାଲିମିବେଳେ ପାଇଥିବା ''ଫୁଲ-ଫଳ-ପରିବା'', କାର୍ଯ୍ୟବିଧିଟିକୁ ପ୍ରୟୋଗ କରିବା ବିଧେୟ । ଏହି କାର୍ଯ୍ୟବିଧି ଭଳି ''ଗଛ-ଲତା-ତୃଣ'' କାର୍ଯ୍ୟବିଧି ମଧ୍ୟ ଉପସ୍ଥାପନା କରିବେ । ତାରକା ବିଜୟୀ

CS CamScanner

ପାଠ – ୨୮

ଡାଗାଲ୍‌ଡା (ସକାଳ)

କାନ୍‌ସିମାନ୍	ଓଲ୍ଲେ	ଅ-ଅନ୍
କୁକୁଡା	ଡାକିଲା	ଝିଅ,
ସାଗାଡାନ୍	ଡଲ୍ଲେ	ଅ-ଅନ୍
ବଣ କୁକୁଡା	ଡାକିଲା	ପୁଅ,
ଡିନା	ଡିନା	ଏ-ଅଅନ୍
ଉଠ	ଉଠ	ହେ ଝିଅ ।
ସା-ଆର୍‌ରି	ସା-ଆର୍‌ରି	ଅଂ-ଅନ୍
ରାତି ପାହିଲା	ରାତି ପାହିଲା	ଝିଅ,
ଆଦ୍‌ସାଡାମ୍	ଡେଡଙ୍ଗ	ଡିନା
ଅଳସୁଆ	ହୁଅନା	ଉଠ
ଓମେଂ	ଡିନା	ଏ ଅ-ଅନ୍
ଚଞ୍ଚଳ	ଉଠରେ	ଝିଅ ।
ଡାଞ୍ଜିନା,	ଆମାଦ୍‌ନା	ଅ-ଅନ୍
ଦାନ୍ତଘଷ,	ମୁହଁଧୁଅ	ପୁଅ,
ଉବ୍‌ମାନା,	ସାର୍‌ସାର୍‌ନା	ଅ-ଅନ୍
ଗାଧୁଆ	ମୁଣ୍ଡକୁଣ୍ଡାଅ	ଝିଅ,
ଇସ୍‌କୁଲାନ୍	ଯିରା ଏ	ଅ-ଅନ୍
ଇସ୍କୁଲକୁ	ଯା ରେ	ପୁଅ ।
ପାଡନ୍	ପଡିନା	ଅ-ଅନ୍
ପାଠ	ପଢ଼	ଝିଅ,
ଗାନାଲାମ୍	ଯାଁଡା	ଅ-ଅନ୍
ବୁଦ୍ଧି	ପାଅ	ପୁଅ ।
ସୋଡାମାର	ଡେଆମ୍‌ତି	ଏ-ଅଅନ୍
ବଡଲୋକ	ହୁଅ	ରେ-ଝିଅ ।

ସୂଚନା :* ଗୀତଟିକୁ ଉଭୟ ସଉରା ଓ ଓଡିଆରେ ଅବୃତ୍ତି କରିବା । ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ଏବଂ ଖାଦ୍ୟ ପାନୀୟ ବିଷୟରେ ଆଲୋଚନା କରିବା ।

ପାଠ – ୨୯
ଗାଡି (ଯାନବାହନ)

ଗୋଟିଏ ନଈ କୂଳରେ ଠେକୁଆ, ଶୁଆ ଓ ମାଛଙ୍କର ଦେଖାହେଲା । ଠେକୁଆ ଭୂଇଁ ଉପରେ କଥା କହିଲା । ମାଛ ପାଣିରେ କଥା କହିଲା । ଶୁଆ ଆକାଶରେ କଥା କହିଲା । ତିନିହେଁ ସାଙ୍ଗ ହୋଇଗଲେ । ଡଙ୍ଗାରେ ବସି ସେମାନେ ପାଣିରେ ବୁଲିଲେ । ଉଡାଜାହାଜରେ ବସି ସେମାନେ ଆକାଶରେ ବୁଲିଲେ । ରିକ୍ସାରେ ବସି ସେମାନେ ଭୂଇଁରେ ବୁଲିଲେ । ଭୂଇଁରେ ଭୁଲିବା ପାଇଁ ଆଉ କେଉଁ କେଉଁ ଯାନ ଅଛି ?

ସୂଚନା :* ଆମେ ପିଲାଙ୍କୁ ଗପଟି ଶୁଣାଇବା ଓ ବିଭିନ୍ନ ପ୍ରକାରର ଯାନ ବାହାନ ବିଷୟରେ ଆଲୋଚନା କରିବା । ଭୂମି ଉପରର ଯାନ ବିଷୟରେ ପିଲାଙ୍କୁ ପଚାରିବା ।

ଅଭ୍ୟାସ – ୧ ପାଣି, ଭୂମି ଓ ଆକାଶର ବିଭିନ୍ନ ଯାନ ବିଷୟରେ ପଚାରିବା ଓ ଧାରଣା ଦେବା ।

ଅଭ୍ୟାସ – ୨ କେଉଁ ଯାନ କିପରି ଶବ୍ଦ କରେ ସେ ବିଷୟରେ ଆଲୋଚନା କରିବା ।

CamScanner

ପାଠ – ୩୦

ଡିଗୁର ଡିକୁଇ (ଢଗ ଢମାଳି)

ଆବଇ ଡୁକ୍ରିବଇ ସାଟାନ୍ ଯାଁମ୍‌ଲେ ଡାକୁଟିନ୍ ।
ଗୋଟିଏ ବୁଢୀ ଛତା ଧରି ରହୁଛି ।
ଆକାମ୍ ପୁଂଲିଂଗାନ୍ ଆଲାଂଗାନ୍ ଡାକୁ ।
ତା' ପେଟରେ ଜିଭ ଅଛି ।
ଆୟାଂ ସିଂଗାନ୍ ଗୁର୍‌ମାଂ, ଆଡାନଂବା ସିଂଗାନ୍ ଯାଗା ।
ତା' ମା ଘରେ ଗୋରୀ, ଶାଶୁ ଘରେ କାଳି ।
ବମାନ୍‌ରା ତଡଙ୍ଗ୍-ଗି-ଗିଇଲିନ୍ ଡାକୁଟିନ୍ ।
ଜଣେ ସବୁବେଳେ ଅନାଇ ରହୁଛି ।
ରାଜାନ୍ ଆନ୍‌ଡାରାଇ ଆଡୁନ୍‌ଟିନ୍ ଆଗାସା ।
ରାଜାଙ୍କ ବାଇଗଣ ଡେଙ୍ଗ ନାହିଁ ।
ତଡଙ୍ଗ୍ ଏଡାଲିନ୍ ଡାକୁଟିନ୍ ।
ସବୁଦିନ କାନ୍ଦି ରହୁଛି ।
ବବାରୁ ଲିଂ ଗୁଲ୍‌ଜି ମୁନ୍‌ତୁୟାନ୍ ଡାକୁ ।
ପର୍ବତରେ ସାତଟି ପର୍ବତ ଶୃଙ୍ଗ ଅଛି ।
ରାଜାନ୍ ଆସାନାଂ ଆଡ୍‌ରିନେ ।
ରଜାଙ୍କ କବାଟ ଖୋଲି ହୁଏନାହିଁ ।

ସୂଚନା : * ଏହି ଢଗଗୁଡ଼ିକୁ ପିଲାଙ୍କୁ ପଚାରି ଆଲୋଚନା କରିବା ଓ ଏହିପରି ନୂଆ ଢଗ ପଚାରି ଆଦାୟ କରିବା, ଓଡ଼ିଆରେ ଥିବା କେତୋଟି ଢଗ ମଧ୍ୟ କହିବା ।

CS CamScanner

ପାଠ – ୩୧

କାନ୍‌ଦୂଡାନ୍ ଡ ଆର୍‌ସିନ୍
(ବେଙ୍ଗୁଲୀ ରାଣୀ ଓ ମାଙ୍କଡ)

ଫର ଫର ଫର ଉଡୁଛି କାନି
ବୁଲି ବାହାରିଛି ବେଙ୍ଗୁଲୀ ନାନ
ବେଙ୍ଗୁଲୀ ହାତରେ ବେଗ୍ ଓ ଛତା
ଡର ନାହିଁ ତାର ଖାରା ବରଷା ।

ଥରି ଥରି ଚାଲେ ବୁଢା ମାଙ୍କଡ
ପାଦରେ ତାହାର ଫଟା ଚପଲ
ହାତରେ ଧରିଛି ବଙ୍କୁଲୀ ବାଡି
ମୁଣ୍ଡରେ ତାହାର ଫଳ ଚାଙ୍ଗୁଡି ।

ବେଙ୍ଗଲୀ ନାନିକୁ ବାଟରେ ଭେଟ
ବୁଢା ମାଙ୍କଡଟି ନେଲା ପାଛୋଟି
କହିଲା ହାଟକୁ ସାଥୀରେ ଚାଲ
କିଣିଦେବି ଚୂଡି, ଶାଢୀ, କଜଳ ।

ଫଳ ଚାଙ୍ଗଡିକୁ ତଳେ ଥୋଇଲା
ବେଙ୍ଗୁଲୀକୁ ମୁଣ୍ଡେ ବସାଇ ନେଲା
ଚଗଲା କାଉଟି କାନି ଝାମ୍ପିଲା
ବେଙ୍ଗୁଲୀ ନାନିର ଶାଢୀ ଖସିଲା ।

ସାରୁ ଗଛମୂଳେ ଲାଜେ ଲୁଚିଲା
ପାଣି ଭିତରକୁ ଡେଇଁ ପଡିଲା
ସେଦିନୁ ବେଙ୍ଗୁଲୀ ପାଣିରେ ରହେ
ପିନ୍ଧାଇବ ଶାଢୀ ତାହାକୁ କିଏ ?

ବୁଢା ମାଙ୍କଡଟି ହତାଶ ହେଲା
ହାଟକୁ ଯିବାର ନିଶା ଭାଙ୍ଗିଲା
ବେଙ୍ଗୁଲୀ ପାଇଁ ସେ ସବୁ ଛାଡିଲା
ମନ ଦୁଃଖ ନିଜ ଘର ଫେରିଲା ।

ସୂଚନା :* ଗୀତକୁ ବାରମ୍ବାର ବୋଲାଇବା ଓ ଅଭିନୟ କରାଇବା । ପରଂପର, ଥରଥର, ଛତା, ହାଟ ଏହିପରି ଅନ୍ୟ କେତେକ ଶବ୍ଦ ଗଠନ କରିବେ । ଫ, ଥ, ଛ, ଝ, ହ ପରି ଶବ୍ଦର ଉଚ୍ଚାରଣ କରିବାପାଇଁ ପିଲାଙ୍କୁ ସୁଯୋଗ ଦେବେ । ସଉରାରେ ଏହି ଅକ୍ଷର ସବୁ ନାହିଁ । ଏଣୁ ବିଶେଷ ଯତ୍ନ କରି ଏହା ପିଲାଙ୍କୁ ଶିଖାଇବେ ।

CamScanner

ପାଠ – ୩୨

ଆରାସାଲ୍

(ସଲପ)

ଏ ଭାଇ,
କ'ଣ ଭାଳୁଛ,
କୁଆଡେ ଯାଉଛ,
ମୋ ପାଖକୁ ଆସ
ଖାଇବ, ପିଇବ, ଶୋଇବ ।

ସୂଚନା : ❋ ସଲପ ଗଛ ବିଷୟରେ ଆଲୋଚନା କରିବା । ଏହିପରି ଅନ୍ୟ ଉପକାରୀ ଗଛ ବିଷୟରେ ଆଲୋଚନା କରିବା ।

CamScanner